# ଏ ମାଟିର ଜନନାୟକ ବିଜୁ ପଟ୍ଟନାୟକ

ବିମଳା ସିଂହ

ପୃଥିବୀ ପୃଷ୍ଠରେ ଥିବା ଦେଶମାନଙ୍କ ଭିତରେ ଭାରତ ସର୍ବଶ୍ରେଷ୍ଠ ଦେଶ ଭାବରେ ଗଣାଯାଉଥିବା ବେଳେ ଆମ ରାଜ୍ୟ ଉତ୍କଳ ତା’ ମଧ୍ୟରେ ଏକ କମଳ ସଦୃଶ । ଏଭଳି ଉପମା ଦେବା ପଛରେ ରହିଛି ଏ ମାଟିର ଉନ୍ନତ କଳା, ସାହିତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି, ଇତିହାସ । ଆଉ ଏସବୁ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କର ବିଭିନ୍ନ କ୍ଷେତ୍ରରେ ଏ ମାଟି ପ୍ରତି ଥିବା ନିଃସ୍ୱାର୍ଥପର ଭାବ, ତ୍ୟାଗ, ଭଲପାଇବା, ନିଷ୍ଠା ଆଉ ବଳିଦାନ । ସଂପ୍ରତି ଆମ ରାଜ୍ୟ ଓଡ଼ିଶା ପ୍ରାକୃତିକ ସଂପଦରେ ଭରପୂର । ଏ ମାଟିର ଆରାଧ୍ୟ ଦେବତାଙ୍କୁ ନେଇ ଆମେ ଗର୍ବିତ ଥିଲାବେଳେ ଏ ମାଟି ମଧ୍ୟ ଗର୍ବ କରେ ତା’ର ଅନେକ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ଓଡ଼ିଶାର ଯଶବାନା ବିଶ୍ୱ ଦୁଆରେ ଉଡ଼ାଇ ଏ ମାଟି ପାଇଁ ଗୌରବ ଆଣିଥିବା ବ୍ୟକ୍ତିବିଶେଷଙ୍କୁ ନେଇ । ସେମାନଙ୍କ ମଧ୍ୟରେ ସମସ୍ତଙ୍କର ଅତି ପ୍ରିୟ ‘ବିଜୁବାବୁ’ ଭାବରେ ସର୍ବତ୍ର ପରିଚିତ ଜନନେତା ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ଯାହାଙ୍କର ସ୍ୱପ୍ନ ଥିଲା ଏକ ସମୃଦ୍ଧ ଓଡ଼ିଶା ।

କଟକର ତୁଳସୀପୁରସ୍ଥ ଆନନ୍ଦ ଭବନଠାରେ ବିଜୁ ବାବୁଙ୍କର ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ । ପିତା ଥିଲେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ ମାତା ଥିଲେ ଆଶାଲତା ଦେବୀ । ‘ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି’ ପିଲାଟି ଦିନରୁ ବିଜୁବାବୁଙ୍କର ସମସ୍ତ ପ୍ରତିଭା ବଣମଲ୍ଲୀ ଭଳି ଚାରିଆଡ଼େ ମହକିତ ହୋଇ ଭବିଷ୍ୟତରେ ଜଣେ ମହାନ୍ ବ୍ୟକ୍ତି ଭାବେ ଏ ମାଟିରେ ପ୍ରତିଭାତ ହେବେ, ଏହା ଜଣାପଡ଼ି ଯାଇଥିଲା । ସେ ଥିଲେ ପିଲାଟି ଦିନରୁ ସାହସୀ, ଉଚ୍ଚ ଆକାଂକ୍ଷାସମ୍ପନ୍ନ ତଥା ନିର୍ଭୀକ । ମାତା ଆଶାଲତା ଦେବୀଙ୍କଠାରୁ ପିଲାଟି ଦିନରୁ ଶୁଣିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ କାହାଣୀ ତାଙ୍କ ଜୀବନ ଜିଜ୍ଞାସା ଉପରେ ଗଭୀର ରେଖାପାତ କରିଥିଲା । ତେଣୁ ସେ ନିଜକୁ ଜଣେ ସଚ୍ଚା ଦେଶମାତୃକାର ସେବକ ଭାବରେ ଗଢ଼ି ତୋଳିଥିଲେ ଏବଂ ଦେଶ ପାଇଁ ଇଂରେଜମାନଙ୍କ ବିରୁଦ୍ଧରେ ସେହି ସମୟରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମ ରୂପକ ଅନଳରେ ଝାସ ଦେଇ ସଂଗ୍ରାମୀ ସାଜିଥିଲେ ଏବଂ ଜେଲ୍ ଯାଇଥିଲେ ମଧ୍ୟ । ଏଥିପାଇଁ ତାଙ୍କ ହୃଦୟରେ ନଥିଲା ଗ୍ଲାନି ଆଉ ଲେଶମାତ୍ର ଦୁଃଖ । ନିଜ ଜନ୍ମମାଟି ପ୍ରତି ଥିବା ଭଲ ପାଇବାର ସ୍ୱର, ସମସ୍ତ ଆବେଗ, ଆଉ ତାଙ୍କ ଅନନ୍ୟ କୃତିତ୍ୱ ତଥା ଦୁଃସାହସୀ ପଦକ୍ଷେପ ଏହି ଯୁବାବସ୍ଥାରୁ ହିଁ ପ୍ରତିଭାତ ହୋଇଥିଲା । ଏହାର ଉଦାହରଣ ହେଉଛି କଟକରୁ ପେଶାଓ୍ୱାରକୁ କିଛି ବନ୍ଧୁଙ୍କ ସହିତ ସାଇକେଲରେ ଯାତ୍ରା, ଯେଉଁ ସମୟରେ ଗମନାଗମନର ଏତେ ସୁବିଧା ନଥିଲା ଆମ ଦେଶରେ । ତାଙ୍କର ଏହି କୃତିତ୍ୱ ସମସ୍ତଙ୍କୁ ଚକିତ କରି ଦେଇଥିଲା । ରେଭେନ୍‌ସା କଲିଜିଏଟ୍ ସ୍କୁଲ, ରେଭେନ୍‌ସା କଲେଜ ଏବଂ ପାଟଣା ବିଶ୍ୱବିଦ୍ୟାଳୟ ଥିଲା ତାଙ୍କ ଶିକ୍ଷାଲାଭ କ୍ଷେତ୍ର । ୧୯୩୨ ମସିହାରେ ତାଙ୍କର ଏହି ସାଇକେଲ ଯାତ୍ରା ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ବେସାମରିକ ବିମାନ ସେବାରେ ନିଜକୁ ସାମିଲ କରାଇବାର ସ୍ୱପ୍ନ ସାକାର କରେଇ ଥିଲା । ଏସବୁ କ୍ଷେତ୍ରରେ ଥିଲା ତାଙ୍କ ବାପାଙ୍କ ପ୍ରେରଣା । ତେଣୁ ବି.ଏସସି ପଢୁଥିବା ବେଳେ ସେ ଜଣେ ସୁଦକ୍ଷ ବୈମାନିକ ହେବା ଲକ୍ଷ୍ୟରେ ସଂପୃକ୍ତ ବିଷୟରେ ଟ୍ରେନିଂ ନେଇ ଇଣ୍ଡିଆନ୍

ଏୟାରଓ୍ୱେଜ୍‌ର ଜଣେ ପାଇଲଟ୍ ଭାବରେ ଯୋଗ ଦେଇଥିଲେ । ଜଣେ ପାଇଲଟ୍ ଭାବରେ ସେ ଯେଉଁ କୀର୍ତ୍ତି ରଖିଯାଇଛନ୍ତି, ତାହା ଓଡ଼ିଶାର ଚିତ୍ରକୁ ସମଗ୍ର ବିଶ୍ୱରେ ପ୍ରତିଷ୍ଠା କରାଇବାରେ ଏକ ମାଇଲଖୁଣ୍ଟ ସଦୃଶ ହୋଇ ରହିଛି । ଇତିହାସର ଆଇନାରେ ତାଙ୍କର ପାଇଲଟ୍ ଜୀବନ କାହାଣୀକୁ ନେଇ ଓଡ଼ିଶା ଜାତୀୟ ତଥା ଆର୍ନ୍ତଜାତିକ କ୍ଷେତ୍ରରେ ଅନେକ ସୁନାମର ଅଧିକାରୀ ହୋଇପାରିଥିଲା ।

ମାତ୍ର ଦଶ ବର୍ଷ ବୟସରୁ ତାଙ୍କର ସ୍ୱାଧୀନ ଚିନ୍ତାଧାରାର ବିକାଶ ହୋଇଥିଲା ଗାନ୍ଧିଜୀଙ୍କ କଟକର ସ୍ୱରାଜ୍ୟ ଆଶ୍ରମକୁ ଆଗମନ କାଳରୁ । ପୋଲିସର ଲାଠି ମାଡ଼ ଖାଇ ମଧ୍ୟ ସେ ଜନଗହଳି ଭିତରେ ଗାନ୍ଧିଜୀଙ୍କ ସହିତ କରମର୍ଦ୍ଦନ କରିବାକୁ ଧାଇଁ ଯାଇଥିଲେ ଏବଂ ତାଙ୍କର ଏହି ସ୍ୱଦେଶୀ ଭାବ ତାଙ୍କୁ ଜଣେ ଭବିଷ୍ୟତର ଜନନାୟକ ଭାବରେ ଗଢ଼ି ତୋଳିଥିଲା । ସେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୀତି କ୍ଷେତ୍ରରେ ପ୍ରବେଶ କରି ୧୯୬୧ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ । ଜଣେ ଯୁବ ମୁଖ୍ୟମନ୍ତ୍ରୀ ଭାବରେ ସେ ଯେଉଁସବୁ ସ୍ୱପ୍ନ ଦେଖିଥିଲେ ତାର ପଟ୍ଟାନ୍ତର ନାହିଁ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ଥିଲେ ବଦ୍ଧପରିକର । ପ୍ରାକୃତିକ ସଂପଦରେ ଭରା ତାଙ୍କ ଜନ୍ମମାଟିକୁ ସେ ଚାହିଁଥିଲେ ବିଶ୍ୱ ଦରବାରରେ ଏକ ବିକାଶଶୀଳ ରାଜ୍ୟ ରୂପେ ଠିଆ କରାଇବା । ତେଣୁ ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତାଙ୍କ ଚେଷ୍ଟାରେ ପ୍ରତିଷ୍ଠା ହୋଇଥିଲା ପାରାଦ୍ୱୀପ ବନ୍ଦର । ଏକମାତ୍ର ଓଡ଼ିଆ ଭବରେ ସେ ଲାଭ କରିଥିଲେ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନ । ସେହି ନେହେରୁଙ୍କ ଦ୍ୱାରା ପାରାଦ୍ୱୀପ ବନ୍ଦରର ଶିଳାନ୍ୟାସ କରାଇଥିଲେ । ଆଜି ତାଙ୍କର ଏଇ ସ୍ୱପ୍ନର ପାରାଦ୍ୱୀପ ଆର୍ନ୍ତଜାତିକ କ୍ଷେତ୍ରରେ ଏକ ପ୍ରମୁଖ ବନ୍ଦରର ମାନ୍ୟତା ପାଇ ପାରିଛି । ନେହେରୁଙ୍କ କଥାରେ ଇଣ୍ଡୋନେସିଆ ଯିବା ପଛରେ କିନ୍ତୁ ତାଙ୍କ ମନର କଥା ଥିଲା ଆମ ଉତ୍କଳୀୟ ସାଧବମାନଙ୍କର ଜାଭା , ସୁମାତ୍ରା, ବାଲି, ଇଣ୍ଡୋନେସିଆ ଆଦି ବିଭିନ୍ନ ଅଞ୍ଚଳକୁ ବୋଇତରେ ବାଣିଜ୍ୟ କାରବାର କରିବା ପଛରେ ଥିବା କାହାଣୀକୁ ଉଜ୍ଜୀବିତ କରିବା ।

ଏତତ୍‌ବ୍ୟତୀତ ତିନି ତିନିଥର କେନ୍ଦ୍ରାପଡ଼ାରୁ ବିଧାନସଭାକୁ ନିର୍ବାଚିତ ହୋଇ ସେ ହ୍ୟାଟ୍ରିକ ଅର୍ଜନ କରିଥିଲେ ମଧ୍ୟ ତାଙ୍କ ମନରେ ନଥିଲା ଲେଶମାତ୍ର ଗର୍ବ । ପରନ୍ତୁ ତତ୍‌କାଳୀନ ରାଜନୈତିକ ପାଣିପାଗକୁ ନେଇ ସେ ବିଭିନ୍ନ ସମୟରେ ବିଭିନ୍ନ ଦଳରେ ଯୋଗ ଦେବା ସହ ନୂଆ ଦଳ ଗଠନ କରିଥିଲେ ମଧ୍ୟ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଓଡ଼ିଶାର ପ୍ରଗତି । ତେଣୁ ଓଡ଼ିଶାକୁ ସ୍ୱାବଲମ୍ବୀ କରିବାକୁ ଯାଇ ସେ ଗଢ଼ିଥିଲେ ଚୌଦ୍ୱାରଠାରେ କଳିଙ୍ଗ ଟ୍ୟୁବସ୍, ଲୁଗାକଳ, ରାଉରକେଲା ଇଂଜିନିୟରିଂ କଲେଜ, ସୁନାବେଡା ମିଗ୍ ବିମାନ କାରଖାନା, ବୁର୍ଲା ଇଂଜିନିୟରିଂ କଲେଜ, ନାଲକୋ ଆଲୁମିନିୟମ ପ୍ରକଳ୍ପ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବରଗଡ଼ ସିମେଣ୍ଟ କାରଖାନା, ଚାରବାଟିଆ ବିମାନ ଅବତରଣ କେନ୍ଦ୍ର । ତାଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ଥିଲା ୧୩ଟି ଜିଲ୍ଲାକୁ ନେଇ ଗଠିତ ତତକାଳୀନ ଓଡ଼ିଶାକୁ ୩୦ ଟି ଜିଲ୍ଲାରେ ପୁର୍ନଗଠିତ କରିବା ଏବଂ ଏକା ସାଙ୍ଗରେ ଶିକ୍ଷା, ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷକମାନଙ୍କ ପ୍ରତି ଥିବା ଅହେତୁକ ଭଲପାଇବା ଓଡ଼ିଶା ରାଜନୀତି କ୍ଷେତ୍ରରେ ଯେତେସବୁ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଏହିପରି ଭାବରେ ନିର୍ଭୟ ତଥା ସାହସିକ ପଦକ୍ଷେପ ଆଜି ପର୍ଯ୍ୟନ୍ତ କେହି ନେଇ ନାହାନ୍ତି । କୌଣସି କ୍ଷେତ୍ରରେ ମୁଣ୍ଡ ନୁଆଁଇବା ନଥିଲା ତାଙ୍କର ଜୀବନର ଧର୍ମ । ସାହସର ସହିତ ସବୁ ପରିସ୍ଥିତିର ମୁକାବିଲା କରିବା, ପଦପଦବୀର ମୋହ ନରଖିବା ଥିଲା ତାଙ୍କ ଜୀବନର ଅଭୁଲା ଦିଗ । ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଦେଖୁଥିଲେ ସଦାସର୍ବଦା ସ୍ୱପ୍ନ । ଗରିବ ଚାଷୀ ମୂଲିଆର ସେ ଥିଲେ ଯଥାର୍ଥ ବନ୍ଧୁ । ଅନେକ ରାଜନୈତିକ ଝଡ଼ର ସେ ସାମ୍ନା କରିଥିଲେ ମଧ୍ୟ କେବେ ହାରିବା ଶିଖି ନଥିଲେ । ତାଙ୍କ ପାଖରେ ସୁଖ ଆଉ ଦୁଃଖ, ହାରିବା ଜିତିବା ଏସବୁ ଥିଲା ଏକାପରି । ଭୀରୁତା ତାଙ୍କୁ ସ୍ପର୍ଶ କରିନଥିଲା । କେନ୍ଦ୍ର ମନ୍ତ୍ରୀ ଭାବରେ ହେଉ ଅବା ରାଜ୍ୟ ମୁଖ୍ୟମନ୍ତ୍ରୀ ଭାବରେ ହେଉ ତାଙ୍କୁ ଗର୍ବ ବା ଅହଂକାର ସ୍ପର୍ଶ କରି ନଥିଲା । କର୍ମପ୍ରବଣ ଏହି ମହାନ୍ ଜନନେତାଙ୍କର ମୃତ୍ୟୁ ଥିଲା ଏ ଜାତି ପାଇଁ ଏକ ଅପୂରଣୀୟ କ୍ଷତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କହିଥିଲେ ଏହି ଦୂରଦୃଷ୍ଟି ସମ୍ପନ୍ନ ବିଚକ୍ଷଣ ବ୍ୟକ୍ତି ଦେଶ ସେବା ପାଇଁ ଥିଲେ ଯଥାର୍ଥରେ 'ଝଡର ଇଗଲ୍' ।

ପ୍ଲଟ ନଂ- ୧୮୬୮, ଭକ୍ତମଧୁ ନଗର, ଗଣ୍ଡମୁଣ୍ଡା
ଖଣ୍ଡଗିରି, ଭୁବନେଶ୍ୱର- ୩୦